# A State-Level TechBoot Camp on "Information Security & Risk Management" organized by NIC Odisha on 8 September 2026

A State Level Tech-Bootcamp on Information Security and Risk Management gathered around 100 officials from the Odisha government and NIC Odisha State Centre at the Odisha NIC in Bhubaneswar. The intensive event focused on equipping government personnel with the knowledge required to navigate an increasingly complex digital landscape and safeguard vital public data against evolving threats.

## News Clips

ନିତିଦିନ NITIDIN
BHUBANESWAR - 09 Sep 2026 - Page 10

**ରାଜ୍ୟସ୍ତରୀୟ ସୂଚନା ସୁରକ୍ଷା ଟେକ୍-ବୁଟ୍‌କ୍ୟାମ୍ପ**

### ସାଇବର ସୁରକ୍ଷା ଓ ବିପଦ ପରିଚାଳନା ଉପରେ ଗୁରୁତ୍ୱ




**ଭୁବନେଶ୍ୱର,୮।୯/ଏନ୍‌ଏନ୍‌ଏସ୍:** ସୂଚନା ସୁରକ୍ଷା ଓ ବିପଦ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ଟେକ୍-ବୁଟକ୍ୟାମ୍ପ ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍.ଆଇ.ସି), ଓଡ଼ିଶାରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାର ଓ ଏନ୍.ଆଇ.ସି ଓଡ଼ିଶାର ପ୍ରାୟ ୧୦୦ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ସି. ଭି. ରମଣ ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର (ଡ.) ବଂଶୀଧର ମାଝୀ ଡିଜିଟାଲ ଯୁଗରେ ସୂଚନା ସୁରକ୍ଷାର ବୃଦ୍ଧିପାଉଥିବା ଗୁରୁତ୍ୱ ଏବଂ ସାଇବର ବିପଦର ପ୍ରଭାବଶାଳୀ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅଭିଭାଷଣରେ ପ୍ରତିରକ୍ଷା ସାଇବର ଏଜେନ୍ସିର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଏୟାର କମୋଡୋର ନିରଞ୍ଜନ କୁମାର ପାଢୀ ସାଇବର ସୁରକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ)ର ଆକ୍ରମଣାତ୍ମକ ଓ ପ୍ରତିରକ୍ଷାତ୍ମକ ପ୍ରୟୋଗ ଏବଂ ଏହା ସହ ଜଡ଼ିତ ନୂତନ ଆହ୍ୱାନ ଓ ସୁଯୋଗ ସମ୍ପର୍କରେ ଅଭିଜ୍ଞତା ବାଣ୍ଟିଥିଲେ। ଏନ୍.ଆଇ.ସି ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ପଦାଧିକାରୀ ଡ. ଅଶୋକ କୁମାର ହୋତା ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ବୁଟକ୍ୟାମ୍ପର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାଇବର ସୁରକ୍ଷା ସଚେତନତା ପୁସ୍ତିକା ଉନ୍ମୋଚିତ ହେବା ସହ ଏନ୍.ଆଇ.ସି ଓଡ଼ିଶାର ମାସିକ ନ୍ୟୁଜଲେଟର 'ଦି ଆସେଣ୍ଡର'ର ସେପ୍ଟେମ୍ବର ସଂସ୍କରଣ ପ୍ରକାଶିତ ହୋଇଥିଲା। ବୁଟକ୍ୟାମ୍ପରେ ସାଇବର ଥ୍ରେଟ୍, ସାଇବର ସୁରକ୍ଷା, ସାଇବର ଡିଫେନ୍ସ ଟୁଲକିଟ୍, ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଏବଂ ମୋବାଇଲ ଡିଭାଇସ ହ୍ୟାକିଂ ଭଳି ସମସାମୟିକ ବିଷୟ ଉପରେ ପାଞ୍ଚଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ଶିବାନୀ କୋରା, ବରିଷ୍ଠ ନିର୍ଦ୍ଦେଶକ (ସୂଚନା ବିଜ୍ଞାନ), ଜୟନ୍ତ କୁମାର ମିଶ୍ର, ନୀଳାଦ୍ରୀ ବିହାରୀ ମହାନ୍ତି, ରାହୁଲ କୁମାର ସିହ୍ନା ଆଦି ବରିଷ୍ଠ ବୈଜ୍ଞାନିକମାନଙ୍କ ଦ୍ୱାରା ପରିଚାଳିତ ଏହି ଅଧିବେଶନଗୁଡ଼ିକ ଅଂଶଗ୍ରହଣକାରୀମାନଙ୍କୁ ସାଇବର ସୁରକ୍ଷାର ନୂତନ ଆହ୍ୱାନ ଓ ପ୍ରତିରକ୍ଷା କୌଶଳ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିଥିଲା।

Nitidin : 9 September, 2026

tathya
INFORMING PEOPLE



HOME NEWS IN ODIA ABOUT US CONTACT




INFORMATION TECHNOLOGY

# NIC Hosts Cyber Security Camp

September 9, 2026 Tathya Correspondent

Share:

Bhubaneswar: A State Level Tech-Bootcamp on Information Security and Risk Management gathered around 100 officials from the Odisha government and NIC Odisha State Centre at the Odisha NIC in Bhubaneswar. The intensive event focused on equipping government personnel with the knowledge required to navigate an increasingly complex digital landscape and safeguard vital public data against evolving threats.

Addressing the audience during the inaugural session, Dr. Banshidhar Majhi, Vice Chancellor of C. V. Raman Global University, stressed the critical need to identify, evaluate, and mitigate security risks. Adding a strategic defense perspective, Air Commodore Niranjan Kumar Parhi (Retd.), former ADG of the Defence Cyber Agency, delivered the keynote address detailing how artificial intelligence serves both offensive and defensive roles in modern cybersecurity while outlining the key opportunities and challenges lies ahead.

Dr. Ashok Kumar Hota, Deputy Director General and State Informatics Officer at NIC Odisha, welcomed the gathering and outlined the primary goals of the initiative, expressing confidence that the event would deepen security awareness across state departments. Marking the occasion, dignitaries officially launched a new Cyber Security Awareness brochure and released the September 2026 edition of Odisha NIC's monthly newsletter, The Ascender.

Coordinated by Smt. Shiwani Korah, Senior Director of IT and Head of the Training Division, the bootcamp




## Latest Stories

- MCL Pacts With SDA
- OUSSSC Urges Candidate Update
- BJD Slams Balangir Arrest
- Singh Deo Slams Student Arrest
- Team World Bank Meets AGRI Secretary

Tathya( 9 September, 2026) : https://tathya.in/nic-hosts-cyber-security-camp/

CITY

## State-Level Information Security Tech-Bootcamp Held in Bhubaneswar/NIC ଓଡ଼ିଶାରେ ସାଇବର ସୁରକ୍ଷା ଓ AI ଉପରେ ରାଜ୍ୟସ୍ତରୀୟ ବୁଟକ୍ୟାମ୍ପ..

News Inshot · 1 Month Ago · 0 · 1 Mins




Share Post Email Share Share

**ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସୂଚନା ସୁରକ୍ଷା ଟେକ୍-ବୁଟକ୍ୟାମ୍ପ ଅନୁଷ୍ଠିତ**

**ଭୁବନେଶ୍ୱର:** ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (NIC)ଠାରେ ସୂଚନା ସୁରକ୍ଷା ଓ ବିପଦ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ଟେକ୍-ବୁଟକ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଏବଂ ଏନ୍.ଆଇ.ସି. ଓଡ଼ିଶାର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍.ଆଇ.ସି. ଓଡ଼ିଶାର ଉପ ମହାନିର୍ଦ୍ଦେଶକ ଡ. ଅଶୋକ କୁମାର ହୋତା ସ୍ୱାଗତ କରିବା ସହ ବୁଟକ୍ୟାମ୍ପର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ସି. ଭି. ରମଣ ଗ୍ଲୋବାଲ୍ ୟୁନିଭରସିଟିର କୁଳପତି ପ୍ରଫେସର (ଡ.) ବଂଶୀଧର ମାଝୀ ଯୋଗଦେଇ ଡିଜିଟାଲ ଯୁଗରେ ସୂଚନା ସୁରକ୍ଷା ଓ ସାଇବର ବିପଦର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ।

ସେହିପରି ମୁଖ୍ୟ ବକ୍ତା ଭାବେ ପ୍ରତିରକ୍ଷା ସାଇବର ଏଜେନ୍ସିର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଏୟାର କମୋଡୋର ନିରଞ୍ଜନ କୁମାର ପାଢ଼ୀ ଯୋଗଦେଇ ସାଇବର ସୁରକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା (AI)ର ବ୍ୟବହାର, ଏହାର ସୁଯୋଗ ଓ ସମ୍ଭାବ୍ୟ ଆହ୍ୱାନ ସମ୍ପର୍କରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ।

ଏହି ଅବସରରେ ଏକ ସାଇବର ସୁରକ୍ଷା ସଚେତନତା ପୁସ୍ତିକା ଉନ୍ମୋଚିତ ହୋଇଥିବା ବେଳେ NIC ଓଡ଼ିଶାର ମାସିକ ନ୍ୟୁଜଲେଟର 'The Ascender'ର ନୂତନ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଥିଲା।

କାର୍ଯ୍ୟକ୍ରମରେ ସାଇବର ଥ୍ରେଟ୍, ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ, ସାଇବର ଡିଫେନ୍ସ ଟୁଲକିଟ୍ ଏବଂ ମୋବାଇଲ୍ ହ୍ୟାକିଂ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୫ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜ୍ଞାନୀ ସୁଶ୍ରୀ ଶିବାନୀ କୋରା, ଶ୍ରୀ ଜୟନ୍ତ କୁମାର ମିଶ୍ର, ଶ୍ରୀ ନୀଳାଦ୍ରୀ ବିହାରୀ ମହାନ୍ତି ଓ ଶ୍ରୀ ରାହୁଲ କୁମାର ସିହ୍ନା ପ୍ରମୁଖ ଏହି ଅଧିବେଶନଗୁଡ଼ିକୁ ପରିଚାଳନା କରି ଅଂଶଗ୍ରହଣକାରୀଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରିଥିଲେ।

**You may be interested**

News Inshort (8  September, 2026) : https://newsinshot.com/state-level-information-security-tech-bootcamp-held-in-bhubaneswar-nic-

# ରାଜ୍ୟସ୍ତରୀୟ ସୂଚନା ସୁରକ୍ଷା ଟେକ୍-ବୁଟ୍‌କ୍ୟାମ୍ପ



ଭୁବନେଶ୍ୱର,୮/୯(ବ୍ୟୁରୋ): ସୂଚନା ସୁରକ୍ଷା ଓ ବିପଦ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ଟେକ୍-ବୁଟ୍‌କ୍ୟାମ୍ପ ଭୁବନେଶ୍ୱର ସ୍ଥିତ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସରକାର ଏବଂ ଏନ୍‌ଆଇସି ଓଡ଼ିଶାର ପ୍ରାୟ ୧୦୦ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନ ଅଭିଭାଷଣରେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ ଡିଜିଟାଲ ଯୁଗରେ ସୂଚନା ସୁରକ୍ଷାର ବୃଦ୍ଧିପାଉଥିବା ଗୁରୁତ୍ୱ ଓ ସାଇବର ବିପଦ ସମ୍ପର୍କରେ କହିଥିଲେ। ପ୍ରତିରକ୍ଷା ସାଇବର ଏଜେନ୍ସିର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଏୟାର କମୋଡର ନିରଞ୍ଜନ କୁମାର ପାଢୀ ସାଇବର ସୁରକ୍ଷାରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସମ୍ପର୍କରେ ବୁଝାଇଥିଲେ। ଏନ୍‌ଆଇସି ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ପଦାଧିକାରୀ ଡ. ଅଶୋକ କୁମାର ହୋତା କ୍ୟାମ୍ପର ଉଦ୍ଦେଶ୍ୟ କହିଥିଲେ। ସାଇବର ସୁରକ୍ଷା ସଚେତନତା ପୁସ୍ତିକା ଉନ୍ମୋଚିତ ହେବା ସହ ଏନ୍‌ଆଇସି, ଓଡ଼ିଶାର ମାସିକ ନ୍ୟୁଜଲେଟର 'ଝଷର ଇସ୍ୱମରଭୟରକ୍ସର' ସେପ୍ଟେମ୍ବର-୨୦୨୬ ସଂସ୍କରଣ ପ୍ରକାଶିତ ହୋଇଥିଲା। ଶିବାନୀ କୋରା, ବରିଷ୍ଠ ନିର୍ଦ୍ଦେଶକ (ସୂଚନା ବିଜ୍ଞାନ), ଜୟନ୍ତ କୁମାର ମିଶ୍ର, ନୀଳାଦ୍ରୀ ବିହାରୀ ମହାନ୍ତି, ରାହୁଲ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।